# ତହସିଲଦାର ଙ୍କ କାର୍ଯ୍ୟାଳୟ ନର୍ଲା, କଳାହାଣ୍ଡି

ସଂଖ୍ୟା. ୫୮୮ ତାରିଖ. 04/03/22

## <u>ଲଘୁ ଖଣିଜ ଉତ୍ସର ଲିଜ ସକାଶେ ଇସ୍ତାହାର</u>

ଜଉମୁଦ ଟେଣ୍ଡର ଆହ୍ୱାନ

ଏତଦ୍ୱାରା ସର୍ବସାଧାରଣ ଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ଓଡିଶା ସରକାରଙ୍କ ରାଜସ୍ୱ ବିଭାଗ ଅଧିନସ୍ଥ ନର୍ଲା ତହସିଲ ଅନ୍ତର୍ଗତ ନିମ୍ନଲିଖିତ ଲଘୁ ଖଣିଜ ଖଦାନ ଗୁଡିକ 5 (ପାଞ୍ଚ) ବର୍ଷ ନିମନ୍ତେ ଲିଜ ପାଇଁ ନିମ୍ନସାରେଣୀ ମୁତାବକ ତହସିଲଦାର, ନର୍ଲା ଙ୍କ ଦ୍ୱାରା ନିଲାମ କରାଯିବ । ଲିଜ ଅବଧି ଓଡିଶା ଲଘୁ ଖଣିଜ ଦ୍ରବ୍ୟ ନିୟମ 2016 ଅନୁସାରେ ଶେଷ ପ୍ରକ୍ରିୟା କରଣ (ପରିବେଶ ମଞ୍ଜୁରୀ) ଠାରୁ ଆରମ୍ଭ ହେବ । ଇଚ୍ଛୁକ ବ୍ୟକ୍ତି ବିଶେଷ **OMMC Rule -2016** ମୁତାବକ **M-Form** ପୂରଣକରି ଏହାର ତିନିକିତା ନକଲ ସହ ନିମ୍ନ ଲିଖିତ ଦଲିଲ ସଲଗ୍ନ କରି **(sealed cover)** ବନ୍ଦ ଲଫାପା ରେ ନର୍ଲା ତହସିଲ କାର୍ଯ୍ୟାଳୟ ରେ ତା.**14.03.2022** ଠାରୁ ତା. **30.03.2022** ରିଖ ଅପରାହ୍ନ ଘ. 11.00 ସୁଦ୍ଧା ଆବେଦନ କରିପାରିବେ । ପୃଥକ ସୈରାତ ଉତ୍ସ ପାଇଁ ପୃଥକ ଫାରମ୍ ରେ ଟେଣ୍ଡର ଦାଖଲ କରିବାକୁ ପଡିବ । ଫାରମ ଗୁଡିକ ନର୍ଲା ତହସିଲ କାର୍ଯ୍ୟାଳୟ ର ନିଳାମ ଶାଖାରେ ଥିବା ନିଲାମ ବକ୍ସ ରେ କାର୍ଯ୍ୟାଳୟ ନିଘଣ୍ଟ ସମୟରେ ପକାଇବେ କିମ୍ବା ରିଜିଷ୍ଟର୍ଡ / ସ୍ପିଡପୋଷ୍ଟ ଜରିଆରେ ଲଘୁଖଣିଜ ନିୟମ 2016 ର ଧାରା 27(4) ର ଅନୁସାରେ ସମସ୍ତ ଦଲିଲ ସଂଲଗ୍ନ କରି ଲିଜ ପାଇଁ ଧାର୍ଯ୍ୟ ତାରିଖ ମଧ୍ୟରେ ଅର୍ଥାତ ତା. **30.03.2022** ରିଖ 11.00 ଘଣ୍ଟିକା ସୁଧା ତହସିଲ କାର୍ଯ୍ୟାଳୟ ରେ ପହଞ୍ଚିବା ଆବଶ୍ୟକ । ଉକ୍ତ ସମୟ ଅବଧି ପରେ କୌଣସି ଟେଣ୍ଡର ପେପର ଗ୍ରହଣୀୟ ନୁହେଁ । ଡାକ ଜନିତ ବିଳମ୍ବ ଯୋଗୁଁ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ । ଟେଣ୍ଡର ପେପର ଭର୍ତି ହୋଇଥିବା ଲଫାପା ଉପରେ ଉତ୍ସ ନିଲାମ ପାଇଁ ଆବେଦନ କରୁଥିବା ଉତ୍ସ ର ନାମ ଲେଖା ରହିବା ଆବଶ୍ୟକ ଅଟେ । ଉକ୍ତ ଦିନ ଅର୍ଥାତ ତା. **30.03.2022** ରିଖ **11.00** ଘଣ୍ଟିକା ସମୟ ରେ ତହସିଲଦାର,ନର୍ଲା ଙ୍କ କାର୍ଯ୍ୟାଳୟ ପ୍ରକୋଷ୍ଠ ରେ ଟେଣ୍ଡର କମିଟି ଓ ଇଚ୍ଛୁକ ଆବେଦନକାରୀ କିମ୍ବା ତାଙ୍କର ପ୍ରତିନିଧି ଙ୍କ ଉପସ୍ଥିତି ରେ ଟେଣ୍ଡର ଖୋଲି ଯାଞ୍ଚ କରାଯିବ । କୌଣସି ଆବେଦନକାରୀ ଅସମ୍ପୂର୍ଣ୍ଣ ଫାରମ୍ କିମ୍ବା ଫାରମ୍ ସିହତ ଆବଶ୍ୟକିୟ କାଗଜ/ଦଲିଲ ସଂଲଗ୍ନ ନଥିଲେ ଗ୍ରହଣୀୟ/ବିଚାର ଯୋଗ୍ୟ ହେବ ନାହିଁ ।

ଦରଖାସ୍ତ କରିବାର ନିୟମାବଳୀ:-

1. ଦରଖାସ୍ତ ଫିଜ ସକାଶେ ଟ୍ରେଜେରୀ ଚାଲାଣ ଜରିଆରେ ଟ 1000/- ଙ୍କା (ଏକ ହଜାର ଟଙ୍କା) ପଇଠ କରି ଚାଲାନ କପି ସଲଗ୍ନ କରିବେ ( ଫେରସ୍ତ ଦିଆଯିବ ନାହିଁ) । **Head of Account No.<u>0853-Non ferrous mining Metallurgical industries -102- mineral concession fees rents & royalties</u>.**
2. ଦରଖାସ୍ତ ସହିତ ସାରଣୀ ରେ ଦର୍ଶାଇଯାଇଥିବା ମୂଲ୍ୟ ର ଚେକ୍/ଡ୍ରାଫ ଆକାର ରେ ଅର୍ଜିତ ରାଶି **(EMD)** ବାବଦ କୁ ପଇଠ କରିବାକୁ ହେବ ଯଦି ସଫଳ ନିଲାମ ଡକାଳି ହିସାବ ରେ ଲିଜ ପ୍ରସ୍ତାବ ଆଗ୍ରହ୍ୟ କରନ୍ତି ତେବେ ଉକ୍ତ ଅର୍ଜିତ ରାଶି ଫେରସ୍ତ ନହୋଇ ବାଜ୍ୟାପ୍ତିକରଣ କରି 2ୟ ସ୍ଥାନ ରେ ଥିବା ବ୍ୟକ୍ତି ଙ୍କୁ ଲିଜ ପ୍ରକ୍ରିୟା ପାଇଁ ଆମନ୍ତ୍ରଣ କରାଯିବ ଏବଂ ଅସଫଳ ନିଲାମ ଡକାଳି ଙ୍କ ଅର୍ଜିତ ରାଶି ଫେରସ୍ତ କରାଯିବ । **<u>EMD will be deposited in shape of Bank draft in the name of Tahasildar,Narla payble at State Bank of India, Narla</u>**
3. ଆବେଦନ କରିଥିବା ଜମିର ସଂପୂର୍ଣ୍ଣ ବିବରଣୀ ଓ ନକ୍ସା ସଲଗ୍ନ କରିବା ଆବଶ୍ୟକ ଅଟେ ।
4. କୌଣସି ମାଇନିଙ୍ଗ ଦେୟ ବକେୟା ନଥିବା ନେଇ ଏକ ସତ୍ୟପାଠର ଅବଶ୍ୟକ ।

Scanned with CamScanner

5. ଆବେଦନ କରାଯାଇଥିବା ଲିଜ ଜମି ଯଦି ରୟତି ହୋଇଥାଏ, ତେବେ ସେହି ଜମି ମାଲିକ ଙ୍କ ସହମତି ସମ୍ବନ୍ଧୀୟ କାଗଜାତ ସଲଗ୍ନ କରିବା ଆବଶ୍ୟକ ।

6. ଆବେଦନକାରୀ ସାରଣୀ ରେ ଦର୍ଶାଯାଇଥିବା ମୂଲ୍ୟ ର ବ୍ୟାଙ୍କ ଗ୍ୟାରେଣ୍ଟି ( 18 Month validity) ଓ Solvency Certificate ଅନ୍ୟାନ୍ୟ ସ୍ଥାବର ଅସ୍ଥାବର ସମ୍ପତ୍ତିର ବିବରଣୀ (ରାଜସ୍ୱ ବିଭାଗ ଦ୍ୱାରା ପ୍ରାପ୍ତ ହୋଇଥିବା) ସଲଗ୍ନ ଆବଶ୍ୟକ ।

7. ଅନ୍ୟ ବିବରଣୀ ଗୁଡିକ ଯଥା :- ବୈଷୟିକ ଜ୍ଞାନ, ଦକ୍ଷ୍ୟତା, ଆର୍ଥିକ ସ୍ଥିତି, ଯନ୍ତ୍ରପାତି ଇତ୍ୟାଦି ।

## ସର୍ତ୍ତାବଳୀ

1. ଆବେଦନ କାରୀମାନେ ଓଡିଶା ଲଘୁ ଖଣିଜ ଦ୍ରବ୍ୟ ରିହାତି ଆଇନ 2016 ଓ OMMC Rules-2016 ଓଏମଏମସି ରୁଲ 2016 ର ପରିସର ଭୁକ୍ତ ରହିବେ ।
2. ଲିଜରେ ଭାଗନେବା ପୂର୍ବରୁ ଲଘୁ ଖଣିଜ ଗୁଡିକ ପରିଦର୍ଶନ କରି ସୈରାତ ପରିଚାଳନା ପାଇଁ ଗମନାଗମନ ସୁବିଧା, ଗଚ୍ଛିତ ଥିବା ଖଣିଜ ପଦାର୍ଥ ଓ ଅନ୍ୟାନ୍ୟ ଆନୁସାଙ୍ଗିକ ସୁବିଧା ସମ୍ପର୍କରେ ପର୍ଯବେକ୍ଷଣ କରି ଲିଜରେ ଅଂଶ ଗ୍ରହଣ କରିବେ ।
3. ଲିଜରେ ସୈରାତ ଚଳାଇବା ସମ୍ପର୍କରେ କୌଣସି ଅଭିଯୋଗ ଗ୍ରହଣ କରାଯିବ ନାହିଁ କିମ୍ବା କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ ।
4. ଲିଜ ଦିଆଯାଇଥିବା ଧାର୍ଯ୍ୟ ସମୟ ଭିତରେ କୌଣସି ପ୍ରାକୃତିକ ବିପର୍ଯ୍ୟୟ ପାଇଁ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ ।
5. ସର୍ବୋଚ୍ଚ ଲିଜଧାରୀ ନିଜ ଖର୍ଚ୍ଚରେ ମାଇନିଙ୍ଗ ପ୍ଲାନ ତିଆରିକରି ଦାଖଲ କରିବେ ନଚେତ ଲିଜ ବାତିଲ କରାଯିବ ।
6. ମାଇନିଙ୍ଗ ପ୍ଲାନରେ ଦର୍ଶାଯାଇଥିବା ଗଚ୍ଛିତ ଲଘୁ ଖଣିଜ ଦ୍ରବ୍ୟର ପରିମାଣ ତଥା ଲିଜ ଧାରୀଙ୍କ ଦ୍ୱାରା ଦର୍ଶାଯାଇଥିବା ଏକକ ରୟାଲଟି ରାଶିକୁ ଗୁଣନ କଲେ ଯେଉଁ ପରିମାଣ ଅର୍ଥହେବ,ଉକ୍ତ ରାଶି Environment Clearance (ଏନଭିର୍ନମେଣ୍ଟ କ୍ଲିଏରେନ୍ସ) ଆଣି ସାରିଲାପରେ ପଇଠ କରିବେ । ସମ୍ପୂର୍ଣ୍ଣ ରାଶି ପଇଠ ହେଲାପରେ ଲିଜ ଧାରୀ ରେଜିଷ୍ଟ୍ରେସନ ଆକ୍ଟ 1908 ଓ ଷ୍ଟାମ୍ପ ଆକ୍ଟ 1899 ଅନୁଯାୟୀ ଚୁକ୍ତିପତ୍ର ( Execution of lease deed) ସମ୍ପାଦନ କରିବେ ।
7. ଅମାନତ ରାଶିର ପରିମାଣ ଲିଜ ଫାଇନାଲ ହେଲାପରେ ସ୍ଥିର କରିଯିବ ।
8. ଲିଜଧାରୀ ସମ୍ପୃକ୍ତ ଅଧିକାରୀଙ୍କ ଦ୍ୱାରା ଧାର୍ଯ୍ୟ କରିଥିବା ଅମାନତ ରାଶି ଲିଜ ପ୍ରକ୍ରିୟା ସଂପୂର୍ଣ୍ଣ ହେବାର 7 (ସାତ)ଦିନ ମଧ୍ୟରେ ଡିମାଣ୍ଡ ଡ୍ରାଫ/ନଗଦ ଟଙ୍କା ଆକାରରେ ଜମା କରିପାରିବେ ।
9. ନିର୍ଦ୍ଦିଷ୍ଟ ସମୟସୀମା ମଧ୍ୟରେ ମାଇନିଙ୍ଗ ପ୍ଲାନ ଓ ପରିବେଶ ମଞ୍ଜୁରୀପତ୍ର ଦାଖଲ ନକଲେ ଅମାନତ ରାଶି ବଜ୍ୟାପ୍ତ କରାଯିବ ।
10. ପରିବେଶ ସମ୍ବନ୍ଧୀୟ ଅନୁମତି ଲିଜଧାରୀ ନିଜ ଦାୟିତ୍ୟ ହାସଲ କରିବେ ।
11. ପୁନଶ୍ଚ ନିୟମାବଳି ଅନୁଯାୟୀ ଆବଶ୍ୟକ ସ୍ଥଳେ ପଇଠ ହୋଇଥିବା ଜମାରାଶି ବାଜ୍ୟାପ୍ତ କରିବାର କ୍ଷମତା, କ୍ଷମତାପ୍ରାପ୍ତ ଅଧିକାରୀଙ୍କ ର ରହିବ ।
12. ଲିଜଧାରୀ ସୌରାତ ଉତ୍ସର ନକ୍ସା ଅନୁଯାୟୀ ସିମେଣ୍ଟ ଖୁଣ୍ଟ ଦ୍ୱାରା ବାଡ ଦେଇ ଚିହ୍ନଟ କରିବେ ଏବଂ ସମ୍ମୁଖଭାଗରେ ଏକ Display Board ( ଡିସପ୍ଲେ ବୋର୍ଡ ତିଆରି ସେଥିରେ ସୈରାତ ଉତ୍ସର ନାମ ନକ୍ସା ତଥା ମଞ୍ଜୁର ହୋଇଥିବା ଆର୍ଥିକ ବର୍ଷ ଉଲ୍ଲେଖ କରିବେ ଏ ସବୁର କାର୍ଯ୍ୟ ସମ୍ପାଦନ ଖର୍ଚ୍ଚ ଲିଜଧାରୀ ବହନ କରିବେ ।
13. ଉପରୋକ୍ତ ସମସ୍ତ ସର୍ତ୍ତାବଳୀ ପୂରଣ ହେଲାପରେ କାର୍ଯ୍ୟାଦେଶ ଦିଆଯିବ କ୍ଷମତାପ୍ରାପ୍ତ ଅଧିକାରୀଙ୍କ ଠାରୁ କାର୍ଯ୍ୟାଦେଶ ନ ମିଳିବା ପର୍ଯ୍ୟନ୍ତ ଲିଜଧାରୀ ସୈରାତ ଉତ୍ସରୁ ଖଣିଜ ପଦାର୍ଥ ଉଠେଇପାରିବେ ନାହିଁ ।

Scanned with CamScanner

14. ଲିଜ ସମ୍ବନ୍ଧୀୟ ସର୍ତ୍ତାବଳୀ କାର୍ଯ୍ୟାଳୟ ଛୁଟି ଦିନ ବ୍ୟତିତ ସମସ୍ତ କାର୍ଯ୍ୟ ଦିବସରେ ଦେଖିପାରିବେ ।

15. ଯଦି ଉକ୍ତ ଇସ୍ତାହାରରେ କୌଣସି ତ୍ରୁଟି ପରୀକ୍ଷିତ ହୁଏ, ତେବେ ତାହା ସଂଶୋଧନ କରିବାର କ୍ଷମତା ପ୍ରାପ୍ତ ଅଧିକାରୀଙ୍କର ରହିଅଛି ।

16. ଲିଜ ସମସ୍ତ ସର୍ତ୍ତାବଳୀ ଫାଇଲ କରୁଥିବା ସର୍ବାଧିକ ଅତିରିକ୍ତ ଦେୟ ( Additional Charge) ଘନ ମିଟର ପ୍ରତି ଦାଖଲ ପାଇଁ ଆବେଦନ କରିଥିବା ଆବେଦନକାରୀ ଙ୍କୁ ଲିଜ ଦିଆଯିବ ।

17. ସର୍ବୋଚ୍ଚ ଅତିରିକ୍ତ ଦେୟ ( Additional Charge) ଘନ ମିଟର ପ୍ରତି ଦାଖଲ ପାଇଁ ଦରଖାସ୍ତ କରିଥିବା ଆବେଦନକାରୀ ଲିଜ ନ ହେଲେ ତତ୍ପରବର୍ତ୍ତୀ ଆବେଦନକାରୀଙ୍କୁ ସୁଯୋଗ ଦିଆଯିବ ।

18. ଯଦି ଦୁଇଜଣ ଆବେଦନକାରୀ ଙ୍କ ଅତିରିକ୍ତ ଦେୟ ମୂଲ୍ୟାଙ୍କ ସମାନ ହୁଏ ତେବେ ଧର୍ମଗୁଳା ସାହାଯ୍ୟରେ ଲିଜ ପଟ୍ଟାଦାର (leasee)ଚୟନ କରାଯିବ ।

19. ଯୋଗ୍ୟ ବିବେଚିତ ବ୍ୟକ୍ତି ପଥର ଖାଦାନ ପାଇଁ ଘନମିଟର ପିଛା ନିର୍ଦ୍ଧାରିତ ରୟାଲଟି ଓ ଭୂମିପୃଷ୍ଠ ଖଜଣା (Surface rent) ବ୍ୟତୀତ ଦରଖାସ୍ତରେ ଦର୍ଶାଇଥିବା ଅତିରିକ୍ତ ଦେୟ ଦର,ଜିଲ୍ଲା ଖଣିଜ ଉନ୍ନୟନ ପାଣ୍ଠି ଏବଂ ପରିବେଶ ଉନ୍ନୟନ ପାଣ୍ଠି ବାବଦ କୁ ପ୍ରତ୍ୟେକ ଆର୍ଥିକ ବର୍ଷ ଏକକାଳୀନ ପରିଚାଳନା ପୂର୍ବରୁ ପୈଠ କରିବାକୁ ହେବ ।

20. ଦରଖାସ୍ତ କେବଳ ଲଘୁ ଖଣିଜ ଦ୍ରବ୍ୟର ଘନମିଟର ପିଛା ଅତିରିକ୍ତ ଦେୟ (Additional Charge)ସ୍ପଷ୍ଟ ଭାବ ରେ ଉଲ୍ଲେଖ ଥିବା ଆବଶ୍ୟକ ।

21. ସଫଳ ଆଦେଶିକ ସମୟସୀମା ମଧରେ ଅନୁମୋଦିତ ମାଇନିଙ୍ଗପ୍ଲାନ ଓ ପରିବେଶ ବିକାଶ ଦାଖଲ ପରେ ଲିଜ ପଞ୍ଜିକରଣ (Confirm) କରାଯିବ ଏବଂ ଲିଜ ଏଗ୍ରିମେଣ୍ଟ ଆସିବା ସହ ରୟାଟି କିମ୍ବା ଡେଡ୍ ରେଣ୍ଟ (Dead Rent) ଯେଉଁଟା ଅଧିକ ଭୂମିପୃଷ୍ଠ ଖଜଣା (Surface Rent) ଅତିରିକ୍ତ ଦେୟ (Addl. Charge) ଜିଲ୍ଲା ଲଘୁ ଖଣିଜ ପାଣ୍ଠି (DMF) ପରିବେଶ ପରିଚାଳନା ପାଣ୍ଠି (EMD) ସହିତ ଆୟକର (Income Tax) ରୟାଲଟିର 2 ଶତାଂଶ ପଇଠ କରିବାକୁ ପଡିବ ।

ଦ୍ରଷ୍ଟବ୍ୟ- ଦୀର୍ଘମିଆଦୀ ସୂତ୍ରେ (5 ବର୍ଷ) ଦେବାକୁ ଥିବା ଖଣିଜ ଉତ୍ସ ର ଏକତାଲିକା ଏଥିରେ ଦିଆଯାଇଛି ।

22. ଲିଜଧାରୀ ଏକ ସ୍ୱତନ୍ତ୍ର ରେଜିଷ୍ଟ୍ରର ରେ ପ୍ରତ୍ୟେକ ଦିନ ଉତ୍ତୋଳନ ଓ ପରିବହନ ହେଉଥିବା ଲଘୁ ଖଣିଜ ଦ୍ରବ୍ୟ ହିସାବ ଲିପିବଦ୍ଧ କରିବା ସହିତ ପଦାର୍ଥ ଉତ୍ତୋଳନ ଓ ପରିବହନ ତ୍ରୟମାସିକ ହିସାବ ଏହି କାର୍ଯ୍ୟାଳୟରେ ଦାଖଲ କରିବେ ।

23. ଟେଣ୍ଡର ପାଇଁ ବିଜ୍ଞାପନ ଖର୍ଚ୍ଚ ମାଇନିଙ୍ଗପ୍ଲାନ ଓ ପରିବେଶ ମଞ୍ଜୁରୀ ସଫଳ ନିଲାମଧାରୀ ମାନେ ବହନ କରିବେ ।

24. ସରକାରୀ ରୟାଲଟି ଓ ଅତିରିକ୍ତ ଦେୟ ବାବଦରେ ଧାର୍ଯ୍ୟ ଦରଠାରୁ କମ ଦରରେ ଦରଖାସ୍ତ କରିଥିବା ଦରଖାସ୍ତକାରୀଙ୍କର ଏମ-ଫର୍ମ ଖାରଜ କରିଦିଆଯିବ ।

Scanned with CamScanner

ଲଘୁ ଖଣିଜ ଉତ୍ସ (ବାଲି ଖାଦାନ) ର 5 ବର୍ଷିଆ ଲିଜ ନିମନ୍ତେ

<u>ଖଣିଜ ଉତ୍ସର ତଫସିଲ ଭୁକ୍ତ ଜମିର ବିବରଣୀ</u>

| କ୍ର. ନଂ | ବାଲି ଉତ୍ସର ନାମ | ମୌଜା | ଖାତା. ନଂ | ପ୍ଲ.ନଂ | କିସମ | ଲିଜ ରକବା(ଏକରରେ) | ଅନ୍ୟାନ୍ୟ ଉତ୍ତୋଳନ ପରିମାଣ ପରିମାଣ (MGQ) in cm | ରୋୟଲଟି ଦେୟ ଘନମିଟର (In Rs.) | ଅତିରିକ୍ତ ଦେୟ (Additional Charge in Rs) ପ୍ରତି ଘନ ମିଟର | ବ୍ୟାଙ୍କ ଗେରେଣ୍ଟି (in Rs) | ଅର୍ଜିତ ରାଶି (EMD)in Rs |
|---|---|---|---|---|---|---|---|---|---|---|---|
| ୧ | ସାନଟିଟିଙ୍ଗ ବାଲିଘାଟ | ସାନଟି ଟିଙ୍ଗ | 87 | 9,147 | ନଦୀ | 3.95 | 554 | 35 | 50 /- | 47090 | 2355/- |
| ୨ | ରାତୁଲ ବାଲି ଘାଟ | ରାତୁଲ | 117 | 89 | ନଦୀ | 5.77 | 2000 | 35 | 50 /- | 1,70,000 | 8500 /- |
| ୩ | ଘୁମାପଦର ପଥର ଖଦାନ | ଘୁମାପ ଦର | 32 | 39 | ପଥରବା ନି | 7.82 | 3780 | 130 | 50/- | 680400 | 34020/- |
| ୪ | ପଲସାପଡା ବାଲିଘାଟ | ପଲସା ପଡା | 250 | 1006 | ନଦୀ | 2.80 | 659 | 35 | 50/- | 56015 | 2800/- |
| 5 | ଘୁଘୁଟି ବାଲିଘାଟ | ଘୁଘୁଟି | 130 | 1020 | ନଦୀ | 1.00 | 184 | 35 | 50/- | 15640 | 800 /- |
| 6 | ଧୋବେନ ବାଲିଘାଟ | ଧୋବେ ନ | 176 | 1 | ନଦୀ | 2.00 | 550 | 35 | 50/- | 46750 | 2350/- |
| 7 | ବଡଟିଟିଙ୍ଗ ବାଲିଘାଟ | ବଡଟିଟି ଙ୍ଗ | 88 | 221 | ନଦୀ | 4.00 | 1085 | 35 | 50/- | 92225 | 4620/- |
| ୮ | ମୁର୍ସିଙ୍ଗ ପଥର ଖଦାନ | ମୁର୍ସିଙ୍ଗ | **196** | **176** | ପଥର ବଣି | **1.00** | **5076** | **130** | **50/-** | **913680** | **45690/-** |

ତହସିଲଦାର
ନର୍ଲା

ଜ୍ଞାପକ ସଂଖ୍ୟା 417 ତା. 08/03/22

ଏହାର ଏକକିତା ନକଲ ତହସିଲ କାର୍ଯ୍ୟାଳୟ ନୋଟିସ୍ ବୋର୍ଡ/ ପଞ୍ଚାୟତ ସମିତି କାର୍ଯ୍ୟାଳୟ ନର୍ଲା,ଓ ନର୍ଲା ପଞ୍ଚାୟତ ସମିତି ଅନ୍ତର୍ଗତ ପ୍ରତ୍ୟେକ ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟ, ନର୍ଲା ତହସିଲ ଅନ୍ତର୍ଗତ ସମସ୍ତ ରାଜସ୍ୱ ନିରୀକ୍ଷକ ଙ୍କ କାର୍ଯ୍ୟାଳୟ ନୋଟିସ ବୋର୍ଡ, ଉପଜିଲ୍ଲାପାଳ,ଭବାନୀପାଟଣା ଏବଂ ଜିଲ୍ଲାପାଳ , କଳାହାଣ୍ଡି ଙ୍କ କାର୍ଯ୍ୟାଳୟ ର ଅବଗତି ଏବଂ ସୂଚନା ଫଳକ ରେ ଛାପିବା ନିମନ୍ତେ ପ୍ରେରଣ କରାଗଲା ଓ ଜିଲ୍ଲା ୱେବସାଇଟରେ ପ୍ରକାଶନ ପାଇଁ **D.I.O,NIC** ଙ୍କୁ ପ୍ରେରଣ କରାଗଲା ।

ତହସିଲଦାର,
ନର୍ଲା

Scanned with CamScanner